ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

**News ID-IPR/COVID-19(OD)/ 99/20-04-2021**

# ପ୍ରେସ୍ ବିବୃତି

ଭୁବନେଶ୍ୱର :୨୦ ଅପ୍ରେଲ, ୨୦୨୧

- ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ଆଜି ରାଜ୍ୟରେ କୋଭିଡ୍ ପରିସ୍ଥିତିର ସମୀକ୍ଷା କରିଛନ୍ତି ଓ ଅମ୍ଲଯାନ ବ୍ୟବସ୍ଥା ସହ ଅଧିକ ସଂଖ୍ୟକ ଶଯ୍ୟାର ବନ୍ଦୋବସ୍ତ ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି । ସେ ରାଜ୍ୟବାସୀଙ୍କ ସହଯୋଗ ନିମନ୍ତେ ନିବେଦନ କରିବା ସହିତ କୋଭିଡ୍ ନିୟମାବଳୀର କଠୋର ଅନୁପାଳନ ଉପରେ ଗୁରୁତ୍ୱାରୋପ କରିଛନ୍ତି ।

  - ମାନ୍ୟବର ମୁଖ୍ୟମନ୍ତ୍ରୀ ଆସନ୍ତା ଦିନଗୁଡ଼ିକ ପାଇଁ ଔଷଧ ସାମଗ୍ରୀ ଉପରେ ରହିଥିବା ଉଚ୍ଚତର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଅଧିକ ଔଷଧ ସାମଗ୍ରୀ ମହଜୁଦ୍ ରଖିବା ସହିତ ଗୋଷ୍ଠୀ ସମୁଦାୟ, ମିଶନ ଶକ୍ତି ଦଳ ଏବଂ ପଞ୍ଚାୟତିରାଜ ଅନୁଷ୍ଠାନର ସଦସ୍ୟମାନଙ୍କ ସକ୍ରିୟ ସହଯୋଗ ସମ୍ବଳିତ ଆଇଇସି ଅଭିଯାନ ଉପରେ ଗୁରୁତ୍ୱ ଦେଇଛନ୍ତି ।

  - ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ରାଜ୍ୟରେ ତଦାରଖ ବ୍ୟବସ୍ଥା ଓ କାର୍ଯ୍ୟକଳାପ କଠୋର ଭାବରେ ଜାରି ରହିବ ବୋଲି ପ୍ରକାଶ କରିଛନ୍ତି ।

  - ମାନ୍ୟବର ମୁଖ୍ୟମନ୍ତ୍ରୀ ପୁଣି କହିଛନ୍ତି ଯେ ପ୍ରବାସୀ ଶ୍ରମିକମାନଙ୍କ ପ୍ରତ୍ୟାବର୍ତ୍ତନ ନିମନ୍ତେ ଜିଲ୍ଲାପାଳମାନେ ପ୍ରସ୍ତୁତ ରହିବା ଆବଶ୍ୟକ । ବର୍ତ୍ତମାନ ଉପଲବ୍ଧ ତଥ୍ୟାବଳୀ ଆଧାରରେ ପ୍ରବାସୀ ଶ୍ରମିକମାନଙ୍କ ନିମନ୍ତେ ପୂର୍ବରୁ ଅନୁସୃତ ନିର୍ଦ୍ଦେଶାବଳୀକୁ ଜିଲ୍ଲାପାଳମାନେ ତୁରନ୍ତ ପୁନର୍କ୍ଷମ କରିବାକୁ ମାନ୍ୟବର ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି ।

  - ମୁଖ୍ୟ ଶାସନ ସଚିବ ଶ୍ରୀ ସୁରେଶ ଚନ୍ଦ୍ର ମହାପାତ୍ର, ଉନ୍ନୟନ କମିଶନର ତଥା ସ୍ୱତନ୍ତ୍ର ରିଲିଫ୍ କମିଶନର ଶ୍ରୀ ପ୍ରଦୀପ ଜେନା, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ପି.କେ. ମହାପାତ୍ର ଏବଂ ଜିଲ୍ଲାପାଳମାନେ ଉପସ୍ଥିତ ଥିବାବେଳେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ସଚିବ (୫–'ଟି') ଶ୍ରୀ ଭି.କେ. ପାଣ୍ଡିଆନ୍ ସମୀକ୍ଷା ବୈଠକ ସଂଚାଳନ କରିଥିଲେ ।

- ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ କୋଭିଡ୍–୧୯ ଦ୍ୱିତୀୟ ଲହର ବିରୋଧୀ ସଂଗ୍ରାମକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ରାଜ୍ୟ ସରକାର ଉତ୍ସର୍ଗୀକୃତ କୋଭିଡ୍ ଡାକ୍ତରଖାନାଗୁଡ଼ିକରେ ୫୦୦୦ ଅତିରିକ୍ତ ଶଯ୍ୟା ସୃଷ୍ଟି

କରିଛନ୍ତି, ଫଳରେ ୨୦୧୮ ଆଇସିୟୁ ଏବଂ ୭୮୨ ଭେଣ୍ଟିଲେଟର ସହିତ ସମୁଦାୟ ଶଯ୍ୟା ସଂଖ୍ୟା ୧୧,୮୦୮କୁ ବୃଦ୍ଧି ପାଇଛି ।

- ମାନ୍ୟବର ମୁଖ୍ୟମନ୍ତ୍ରୀ ପବିତ୍ର ଅଶୋକାଷ୍ଟମୀ ତଥା ମହାପ୍ରଭୁ ଶ୍ରୀ ଲିଙ୍ଗରାଜଙ୍କ ରଥଯାତ୍ରା ଅବସରରେ ସମସ୍ତଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଇଛନ୍ତି । ମହାପ୍ରଭୁଙ୍କ ଅପାର କୃପାରୁ ବର୍ତ୍ତମାନର କଠିନ ପରିସ୍ଥିତି ଶୀଘ୍ର ଦୂର ହେବା ସହ ସମସ୍ତଙ୍କ ଜୀବନ ସୁଖ, ସମୃଦ୍ଧିରେ ଭରିଯାଉ ବୋଲି ସେ ଆଶା କରିଛନ୍ତି ।

- ମାନ୍ୟବର ମୁଖ୍ୟମନ୍ତ୍ରୀ ବିଶିଷ୍ଟ ଔପନ୍ୟାସିକ ତଥା ଓଡ଼ିଶାର ପ୍ରଥମ ଜ୍ଞାନପୀଠ ପୁରସ୍କାର ବିଜେତା ଗୋପୀନାଥ ମହାନ୍ତିଙ୍କ ଜୟନ୍ତୀରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି । 'ମାଟିମଟାଳ', 'ପରଜା', 'ଦାଦିବୁଢ଼ା', 'ଅମୃତର ସନ୍ତାନ', 'ଛାଇଆଲୁଅ' ପରି ତାଙ୍କ କଳାଜୟୀ ରଚନାରେ ଓଡ଼ିଆ ସାହିତ୍ୟ ଋଦ୍ଧିମନ୍ତ । ସାହିତ୍ୟ ଜଗତରେ ନିଜ ଅନବଦ୍ୟ କୃତି ପାଇଁ ସେ ଚିର ସ୍ମରଣୀୟ ହୋଇ ରହିବେ ବୋଲି ମାନ୍ୟବର ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି ।

- ମାନ୍ୟବର ମୁଖ୍ୟମନ୍ତ୍ରୀ ପୂର୍ବତନ ପ୍ରଧାନମନ୍ତ୍ରୀ ଶ୍ରୀ ମନମୋହନ ସିଂହ କୋଭିଡ୍-୧୯ ସଂକ୍ରମିତ ହୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ଖବର ଶୁଣି ଚିନ୍ତା ପ୍ରକଟ କରିଛନ୍ତି । ମାନ୍ୟବର ମୁଖ୍ୟମନ୍ତ୍ରୀ ତାଙ୍କର ଆଶୁ ଆରୋଗ୍ୟ ଓ ଉତ୍ତମ ସ୍ୱାସ୍ଥ୍ୟ କାମନା କରିଛନ୍ତି ।

- ମାନ୍ୟବର ମୁଖ୍ୟମନ୍ତ୍ରୀ କଂଗ୍ରେସ ନେତା ଶ୍ରୀ ରାହୁଲ ଗାନ୍ଧୀ କୋଭିଡ୍-୧୯ ସଂକ୍ରମିତ ହୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ଖବର ଶୁଣି ଚିନ୍ତା ପ୍ରକଟ କରିଛନ୍ତି । ମାନ୍ୟବର ମୁଖ୍ୟମନ୍ତ୍ରୀ ତାଙ୍କର ଆଶୁ ଆରୋଗ୍ୟ ଓ ଉତ୍ତମ ସ୍ୱାସ୍ଥ୍ୟ କାମନା କରିଛନ୍ତି ।

- ବିଭିନ୍ନ ମନ୍ଦିର/ମସଜିଦ୍/ଗୁରୁଦ୍ୱାର/ଗୀର୍ଜା ଇତ୍ୟାଦିର ପରିଚାଳନା କମିଟିର ପରାମର୍ଶ କ୍ରମେ ଭୁବନେଶ୍ୱର ମହାନଗର ନିଗମ ଧର୍ମପୀଠଗୁଡ଼ିକ ନିମନ୍ତେ ନିର୍ଦ୍ଦେଶନାମା ଜାରି କରିଛନ୍ତି ଏବଂ ଚଳିତ ମାସ ୨୧ ତାରିଖରୁ ବଳବତ୍ତର ରହିବ । ଆଦେଶନାମାର ନକଲ ଏଥି ସହ ସଂଲଗ୍ନ ହୋଇଛି ।

  - ପରବର୍ତ୍ତୀ ନିର୍ଦ୍ଦେଶନାମା ପର୍ଯ୍ୟନ୍ତ କୌଣସି ଭକ୍ତ ମନ୍ଦିର/ମସଜିଦ୍/ଗୁରୁଦ୍ୱାର/ଗୀର୍ଜା ପରି ଧାର୍ମିକ ସ୍ଥଳଗୁଡ଼ିକରେ ପ୍ରବେଶ କରିପାରିବେ ନାହିଁ ।

  - ବିଭିନ୍ନ ମନ୍ଦିର/ମସଜିଦ୍/ଗୁରୁଦ୍ୱାର/ଗୀର୍ଜା ଓ ଅନ୍ୟ ପୂଜାପୀଠଗୁଡ଼ିକରେ ଯଥାରୀତି ଧାର୍ମିକ ପୂଜାର୍ଚ୍ଚନା ଓ ନୀତିକାନ୍ତି ସୀମିତ ସଂଖ୍ୟକ ପୂଜକ/କର୍ମଚାରୀଙ୍କୁ ନେଇ ସଂପନ୍ନ ହେବ ।

.

**ସର୍ବଶେଷ ସ୍ୱାସ୍ଥ୍ୟ ସୂଚନା**

- ଗତକାଲି ମଧ୍ୟରାତ୍ରି ସୁଦ୍ଧା ଓଡ଼ିଶାରେ ୯୬,୬୮,୪୦୧ ଟି ନମୁନା କୋଭିଡ୍-୧୯ ପରୀକ୍ଷା କରାଯାଇଛି ।
- ବର୍ତ୍ତମାନ ସୁଦ୍ଧା ସମୁଦାୟ ୩,୭୭, ୪୬୪ ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି ।
- ୩,୪୭, ୬୩୭ ଜଣ ରୋଗୀ ସଂପୂର୍ଣ୍ଣ ସୁସ୍ଥ ହୋଇଛନ୍ତି/ଡାକ୍ତରଖାନାରୁ ଫେରିଛନ୍ତି ।
- ୧୯୫୩ ଜଣ କୋଭିଡ୍-୧୯ ରୋଗୀଙ୍କର ମୃତ୍ୟୁ ହୋଇଛି ।
- ସକ୍ରିୟ ଥିବା ସଂକ୍ରମିତଙ୍କ ସଂଖ୍ୟ ୨୭,୮୨୧ ରହିଛି ।
- ୨୭,୮୨୧ ଜଣ ହସ୍‌ପିଟାଲ୍ ଆଇସୋଲେସନ୍‌ରେ ରହିଛନ୍ତି ।

ମାନସ ରଞ୍ଜନ ଖୁଣ୍ଟିଆ
ସୂଚନା ଅଧିକାରୀ

**'ମାସ୍କ ପିନ୍ଧନ୍ତୁ, ସୁରକ୍ଷିତ ରୁହନ୍ତୁ'**